# ଓଡିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

******

## ଅଧିସୂଚନା

**No. RDM-LAA-MBJ-0020-2024-5403/ R&DM, Dated 05 FEB 2026**

ଯେହେତୁ, ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ତହସିଲ ଅନ୍ତର୍ଗତ ତୋଟାପଡା ଗ୍ରାମର (ଥାନା-ବୈଶିଙ୍ଗା ନଂ. ୨୨୧) ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଅଧୀନରେ କେଶରୀ ଡିଷ୍ଟ୍ରୀବ୍ୟୁଟାରୀ, ଟେଲ ମାଇନର, ତେନ୍ତୁଳିଗାଁ ମାଇନର, ସାପଗଡିଆ ମାଇନର, ସୁମିତ୍ରାଦେଇପୁର ସବ୍ ମାଇନର, ଗାନଙ୍ଗୁରାକୋଇଲି ସବ୍ ମାଇନର, ତୋଟାପଦା ସବ୍ ମାଇନର । ୫ ।। ନିର୍ମାଣ ନିମନ୍ତେ ପ୍ରାୟ **ଏ. ୩୯.୬୩** ବେସରକାରୀ ଜମି ଅଧିଗ୍ରହଣ ପାଇଁ 'ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଏବଂ ଉଚିତ କ୍ଷତିପୂରଣ ଅଧିକାର ଅଧିନିୟମ, ୨୦୧୩ ର ଧାରା ୧୧(୧) ଅନୁଯାୟୀ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପ୍ରାଥମିକ ବିଜ୍ଞପ୍ତି ସଂଖ୍ୟା ୨୪୪୭୪ ତାରିଖ ୨୪.୦୭.୨୦୨୪ ରେ ପ୍ରକାଶିତ ହୋଇଥିଲା ଏବଂ ସଂଖ୍ୟା ୧୭୬୫ ତାରିଖ ୧୦.୦୯.୨୦୨୪ ରେ ଓଡ଼ିଶା ଗଜେଟ୍‌ର ପ୍ରକାଶିତ ହୋଇଥିଲା ଏବଂ ଉକ୍ତ ଜମି ଅନୁସୂଚୀ ସମ୍ବନ୍ଧରେ ଅଧିନିୟମର ଧାରା ୧୯(୧) ଅନୁଯାୟୀ ଘୋଷଣାନାମା ଏପର୍ଯ୍ୟନ୍ତ ଜାରି କରାଯାଇ ନାହିଁ;

ଏବଂ ଯେହେତୁ, ଅଧିନିୟମର ଧାରା ୧୯ ର ଉପଧାରା (୭) ଅନୁଯାୟୀ, ଯଦି ପ୍ରାଥମିକ ବିଜ୍ଞପ୍ତି ପ୍ରକାଶ ପାଇବାର ୧୨ ମାସ ମଧ୍ୟରେ ଧାରା ୧୯(୧) ଅନୁଯାୟୀ କୌଣସି ଘୋଷଣାନାମା ଜାରି କରାଯାଇ ନଥିବ, ତେବେ ଉକ୍ତ ବିଜ୍ଞପ୍ତି ରଦ୍ଦ ହୋଇଯାଇଛି ବୋଲି ଧରାଯିବ। ତେବେ ଧାରା ୧୯ ର ଉପଧାରା (୭) ର ଦ୍ୱିତୀୟ ପ୍ରାବଧାନ ଅନୁସାରେ, ଯଦି ସରକାର ଅନୁଭବ କରନ୍ତି ଯେ ଏଥିପାଇଁ ଯଥାର୍ଥ ପରିସ୍ଥିତି ରହିଛି, ତେବେ ଉପଯୁକ୍ତ ସରକାରଙ୍କ ପାଖରେ ଉକ୍ତ ବାର ମାସର ଅବଧିକୁ ବୃଦ୍ଧି କରିବାର କ୍ଷମତା ରହିଛି;

ଏବଂ ଯେହେତୁ, ଜଳସମ୍ପଦ ବିଭାଗ ଏହି ୧୨ ମାସର ସମୟସୀମା ବୃଦ୍ଧି ପାଇଁ କାରଣ ସହ ଅନୁରୋଧ କରିଛନ୍ତି ଏବଂ ଉପଯୁକ୍ତ ସରକାର ମତ ପୋଷଣ କରିଛନ୍ତି ଯେ ଅନିଚ୍ଛାକୃତ ବିଳମ୍ବ ପାଇଁ ପରିସ୍ଥିତି ବିଦ୍ୟମାନ ଥିଲା;

ତେଣୁ, ବର୍ତ୍ତମାନ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩' ର ଧାରା ୧୯ ର ଉପଧାରା (୭) ର ଦ୍ୱିତୀୟ ପ୍ରାବଧାନ ଅନୁଯାୟୀ ପ୍ରଦତ୍ତ କ୍ଷମତାର ପ୍ରୟୋଗ କରି ରାଜ୍ୟ ସରକାର ଏହି ଅଧିନିୟମର ଧାରା ୧୯(୧) ଅନୁଯାୟୀ ଘୋଷଣାନାମା ଜାରି କରିବା ପାଇଁ ୧୨ ମାସର ଅବଧିକୁ ୧୫ ଜୁନ୍, ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି।

ରାଜ୍ୟପାଳଙ୍କ ଆଦେଶାନୁସାରେ

( ସୁରଞ୍ଜନ ପ୍ରଧାନ )
ଅତିରିକ୍ତ ଶାସନ ସଚିବ

**Memo No.** 5404 **/ R&DM, Dated** 05 FEB 2026

Copy forwarded to the Director, Printing Stationery and Publication, Odisha, Cuttack with a request to publish the Notification in the next issue of E.O.G and supply 5 copies of them to this Department la-rev.od@nic.in)/ Spl.L.A.O., SIP, Baripada/Water Resources Department / Collector, Mayurbhanj/Secretary to R.D.C (C.D), Cuttack.

05/02/2026

Additional Secretary to Government

**Memo No.** 5405 **/ R&DM, Dated** 05 FEB 2026

Copy forwarded to Water Resources Department for information and necessary action.

05/02/2026

Additional Secretary to Government

**Memo No.** 5406 **/ R&DM, Dated** 05 FEB 2026

Copy forwarded to Collector, Mayurbhanj/ Spl LAO, Suabarnarekha Irrigation Project, Baripada, Mayurbhanj for information and necessary action.

05/02/2026

Additional Secretary to Government

**Memo No.** 5407 **/ R&DM, Dated** 05 FEB 2026

Copy forwarded to e-Governance Cell of this Department with a request to upload the same in the Department website.

05/02/2026.

Additional Secretary to Government